# ଆଞ୍ଚଳିକ ପରିବହନ ଅଧିକାରୀ
# ତଥା
# ମଟରଯାନ ଟିକସ ଅସୁଲକାରୀଙ୍କ କାର୍ଯ୍ୟାଳୟ,
# ମୟୂରଭଞ୍ଜ,ବାରିପଦା.

ବିଜ୍ଞପ୍ତି ସଂଖ୍ୟା 1753 //ତା 07/08/18 //ରିଖ

ଏତଦ୍ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ସୁଚାଇ ଦିଆ ଯାଉଛି କି ନିମ୍ନ ଲିଖିତ ମଟର ଯାନ ଗୁଡିକର ମଟର ଯାନ ଟିକସ ଓ ଜରିମାନା ଅନାଦେୟ ହେତୁ ସେଗୁଡିକ ସର୍ବସାଧାରଣରେ ନିଲାମ ଆଞ୍ଚଳିକ ପରିବହନ ଅଧିକାରୀ ତଥା ମଟରଯାନ ଟିକସ ଅସୁଲକାରୀ,ମୟୂରଭଞ୍ଜ,ବାରିପଦାଙ୍କ କାର୍ଯ୍ୟାଳୟର ପରିସରରେ ଆସନ୍ତା ତା ୩୦.୦୮.୨୦୧୮ ରିଖ ପୂର୍ବହ୍ନ ୧୧ ଘଟିକା ସମୟରେ ନିଲାମ କରାଯିବ ଏବଂ ନିଲାମ ସୂତ୍ରରେ ବିକ୍ରି ଅର୍ଥ ନିଲାମଧାରୀଙ୍କ ଠାରୁ ଅସୁଲ କରାଯାଇ ସମ୍ପୃକ୍ତ ମଟର ଯାନର ବକେୟା ଭରଣ କରାଯିବ ।

ଏଣୁ ନିମ୍ନ ବିବରଣୀ କୁ ଆଧାର କରି ଜଣାଇ ଦିଆଯାଉଛି କି ସେମାନେ ନିର୍ଧାରିତ ନିଲାମ ସ୍ଥାନରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରନ୍ତୁ ଏବଂ ସର୍ବୋଚ ନିଲାମଧାରୀ ଉପଯୁକ୍ତ ନିଲାମ ଅର୍ଥ ପରିବହନ ଅଧିକାରୀ ତଥା ଟିକସ ଅସୁଲକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ପଦାଧିକାରୀଙ୍କୁ ପଇଠ କରି ସମ୍ପୃକ୍ତ ମଟର ଯାନକୁ ନିଜ ନାମରେ ନାମିତ ବା ରେଜେଷ୍ଟ୍ରିଭୁକ୍ତ କରିବା ପାଇଁ ପଦକ୍ଷେପ ନିଅନ୍ତୁ ।

ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଟର ଯାନ ଗୁଡିକୁ ନିରୀକ୍ଷଣ କରିପାରିବେ । ପ୍ରକାଶ ଥାଉକି ଗୋଟିଏ ଲଟ ବା ଗୋଟିଏ ମଟର ଯାନ ପାଇଁ ପୃଥକ ପୃଥକ ଭାବେ ନିଲାମ ଡାକିବେ ।

ଆଞ୍ଚଳିକ ପରିବହନ ଅଧିକାରୀ
ତଥା
ମଟରଯାନ ଟିକସ ଅସୁଲକାରୀ,
ମୟୂରଭଞ୍ଜ,ବାରିପଦା.